# ଛାଡ଼ିବା ପାଇଁ ଶକ୍ତି

ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡେନ୍ ଫେବୃୟାରୀ ୭ରେ ନିଜ ପଦବୀରୁ ଇସ୍ତଫା ଦେବେ ବୋଲି ନିକଟରେ ଘୋଷଣା କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପାଖାପାଖି ୭ ମାସ କାର୍ଯ୍ୟକାଳ ବାକି ଥିବା ବେଳେ ତାଙ୍କର ଏଭଳି ନିଷ୍ପତ୍ତି ତାଙ୍କୁ ସମ୍ମାନନୀୟ ସ୍ତରରେ ନେଇ ପହଞ୍ଚାଇଛି। ଅନ୍ୟପଟେ ଦେଖିବାକୁ ଗଲେ ବିଶ୍ୱବ୍ୟାପୀ ସବୁ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି କ୍ଷମତାକୁ ଜାବୁଡ଼ି ଧରିବସିବା ପାଇଁ ଅହରହ ଚେଷ୍ଟା କରୁଛନ୍ତି। ଏଭଳି କେତେକ ନେତା ମଧ୍ୟ ଅଛନ୍ତି ନିର୍ବାଚନରେ ହାରିଯାଇଥିବା ସତ୍ତ୍ୱେ ପଦବୀ ଛାଡ଼ିବାକୁ ନାରାଜ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ନିକଟରେ ବ୍ରାଜିଲ ନାଗରିକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିବା ଜୈର ବୋଲସେନାରୋ ଏହାର ସଦ୍ୟ ଦୃଷ୍ଟାନ୍ତ ଭାବେ ଉଭା ହୋଇଛନ୍ତି। ସେହିପରି ଭାରତର କେତେକ ନେତାଙ୍କ ସମେତ ବିଶ୍ୱରେ ଆହୁରି ଅନେକ ନେତା ଅଛନ୍ତି, ଯେଉଁମାନେ କଳେବଳେ କୌଶଳେ କ୍ଷମତାରେ ରହିବାକୁ ଚାହୁଁଛନ୍ତି।

ଉଲ୍ଲେଖନୀୟ ବିଷୟ ହେଉଛି ଯେ, ଆର୍ଡେନ ପ୍ରଧାନମନ୍ତ୍ରୀ ଭାବେ ଯାହା କରିବାର କଥା ସେ ନେଇ ଶତପ୍ରତିଶତ ଚେଷ୍ଟା କରିଥିଲେ। ହେଲେ କେତେଟା କ୍ଷେତ୍ରରେ ଯେଭଳି ପାରଦର୍ଶିତା ଦେଖାଇବାର ଥିଲା, ତାହା କରିପାରି ନ ଥିବା ବିଷୟ ସାମ୍ବାଦିକ ସମ୍ମିଳନୀରେ ଉଲ୍ଲେଖ କରିଥିଲେ। ଏଭଳି ସ୍ୱୀକାରୋକ୍ତି ତାଙ୍କୁ କ୍ଷମତା ଆସନରେ ବସିଥିବା ବିଶ୍ୱର ଅନେକ ବ୍ୟକ୍ତିଙ୍କଠାରୁ ଅଲଗା ପରିଚୟ ଦେଇପାରିଛି। ଆସୀନ ପଦବୀ ସକାଶେ ଉପଯୁକ୍ତ ନ୍ୟାୟ ଦେବାକୁ ଆଉ ତାଙ୍କ ପାଖରେ ଶକ୍ତି ନାହିଁ ବୋଲି ସାଧାରଣରେ ପ୍ରକାଶ କରିବା ଦ୍ୱାରା ସେ ନିଜ ଦେଶବାସୀ ଓ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଯେତେବେଳେ ଅନେକ ନେତା ସେମାନଙ୍କ ରାଷ୍ଟ୍ର ପାଇଁ ସମ୍ପତ୍ତି ନ ହୋଇ ବୋଝ ଭାବେ କାର୍ଯ୍ୟ କରୁଛନ୍ତି, ସେତେବେଳେ ଆର୍ଡେନଙ୍କ ପଦକ୍ଷେପ ନିଶ୍ଚିତ ଭାବେ ଉଲ୍ଲେଖନୀୟ। କୋଭିଡ୍-୧୯ ବେଳେ ନିଜ ଦେଶର ମଙ୍ଗଳ ଲାଗି ତାଙ୍କ ଅବଦାନ ଓ ଅକ୍ଳାନ୍ତ ପରିଶ୍ରମର ଶ୍ରେୟ ନେବାକୁ ସେ କଦାପି ଚାହିଁନାହାନ୍ତି। ବାସ୍ତବରେ ଏଭଳି ବ୍ୟକ୍ତି ରାଷ୍ଟ୍ରନାୟକ ପଦବାଚ୍ୟ। ଆଜିର ସମୟରେ ବିଶ୍ୱ ନେତାମାନେ ଯେଉଁମାନଙ୍କଠାରେ ନୂଆ ଚିନ୍ତାଧାରା ନାହିଁ, ସେମାନେ ଅନ୍ୟମାନଙ୍କୁ ଆଗକୁ ଯିବା ଲାଗି ଛାଡ଼ିଦେବା ଦରକାର। ତାହା ନ କରି ଯେଉଁମାନେ କ୍ଷମତାକୁ ମାଡ଼ି ବସୁଛନ୍ତି ସେମାନେ ସମାଜ ପାଇଁ ବିପଦ ଆଣୁଛନ୍ତି ବୋଲି ଧରିନେବାକୁ ହେବ।

ଜେସିଣ୍ଡା ଆର୍ଡେନ୍ ୨୦୧୭ରେ ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ ହେବା ବେଳକୁ ତାଙ୍କୁ ୩୭ ବର୍ଷ ବୟସ ହୋଇଥିଲା। ୧୮୫୬ ପରେ ଦେଶର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ହେବାରେ ସେ ଗୌରବ ଅର୍ଜନ କରିଥିଲେ। ନିର୍ବାଚନକୁ ମାତ୍ର ଦୁଇ ମାସ ବାକିଥିବା ବେଳେ ଲେବର ପାର୍ଟି ପକ୍ଷରୁ ତାଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ପ୍ରଦର୍ଶନ କରାଯାଇଥିଲା। ସେତେବେଳକୁ ସେ ମନ୍ତ୍ରୀ ପଦଟିଏ ମଧ୍ୟ ପାଇ ନ ଥିଲେ। କିନ୍ତୁ ତାଙ୍କ ନେତୃତ୍ୱ ନେବାର ଦକ୍ଷତା ପାର୍ଟିର ବରିଷ୍ଠ ନେତାଙ୍କୁ ପ୍ରଭାବିତ କରିଥିଲା।

ପ୍ରଧାନମନ୍ତ୍ରୀ ପଦରେ ଅଭିଷିକ୍ତ ହେବା ପରେ ଆର୍ଡେନ ନିଜସ୍ୱ ଶୈଳୀରେ ଶାସନ କରିବା ଆରମ୍ଭ କରିଥିଲେ। ପ୍ରଧାନମନ୍ତ୍ରିତ୍ୱ ସମୟରେ ସେ ଶିଶୁକନ୍ୟାକୁ ଜନ୍ମ ଦେଇ ମାତ୍ର ୬ ସପ୍ତାହର ମାତୃତ୍ୱକାଳୀନ ଛୁଟି ନେଇଥିଲେ। ସ୍ୱଳ୍ପ ଅବଧିର ଏହି ଅବସରକୁ ନେଇ ତାଙ୍କ ନିଷ୍ପତ୍ତି ବିବାଦୀୟ ହୋଇପଡ଼ିଥିଲା। କିନ୍ତୁ ସେ ରାଷ୍ଟ୍ର କାର୍ଯ୍ୟ ଓ ପରିବାର ପରିଚାଳନା ଦିଗରେ ସମନ୍ୱୟ ରକ୍ଷାକରି କିଭଳି କର୍ତ୍ତବ୍ୟ ସମ୍ପାଦନ କରାଯାଇପାରେ, ତାହା ଦେଖାଇ ଦେଇଥିଲେ। ଏଥିସହିତ ପ୍ରଧାନମନ୍ତ୍ରୀଙ୍କ ଗର୍ଭଧାରଣ ଗୋଟେ ଖବର ହେବା ଠିକ୍ ନୁହେଁ। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି ସେ ମନ୍ତବ୍ୟ ଦେବା ସେତେବେଳେ ଆଲୋଚନାର ବିଷୟ ହୋଇଥିଲା।

ବିଶ୍ୱରେ ଯେତେବେଳେ ଅଧିକାଂଶ ନେତା ସେମାନଙ୍କ କ୍ଷମତା ଉପଭୋଗକୁ ଅଗ୍ରାଧିକାର ଦେଇ କାର୍ଯ୍ୟ କରିଥାଆନ୍ତି, ସେତେବେଳେ ଜେସିଣ୍ଡା ସାଧାରଣ ଭାବେ ମାନବକଲ୍ୟାଣ ଲାଗି କାର୍ଯ୍ୟ କରିବା ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରି ରଖିଛି। ୨୦୧୯ରେ ଖ୍ରୀଷ୍ଟଚର୍ଚ୍ଚର ଦୁଇ ମସ୍‌ଜିଦ୍ ଉପରେ ହୋଇଥିବା ଆକ୍ରମଣରେ ୫୧ ଜଣଙ୍କ ପ୍ରାଣହାନି ଘଟିବା ଓ ୪୯ ଲୋକ ଗୁରୁତର ଆହତ ହେବା ପରେ ଜେସିଣ୍ଡା ସେମାନଙ୍କ ସମ୍ପର୍କୀୟଙ୍କ ନିକଟରେ ପହଞ୍ଚି ଯେଭଳି ମାନବୀୟ ସହାୟତା ପ୍ରଦାନ କରିଥିଲେ, ବାସ୍ତବରେ ତାହା ତାଙ୍କ ବିଶାଳ ବ୍ୟକ୍ତିତ୍ୱର ପରିଚୟ ଦେଇଥାଏ। ମୃତକଙ୍କ ମା'ମାନେ ଯେତେବେଳେ ସେଠାରେ ବିଳାପ କରୁଥିଲେ ସେମାନଙ୍କ ପାଇଁ ସଂହତିର ପ୍ରତୀକ ଭାବେ ସେ ହିଜାବ ପିନ୍ଧିବା ଥିଲା ଉଲ୍ଲେଖନୀୟ ଘଟଣା। ସମ୍ଭବତଃ ମାନବୀୟ ଶାସନ ଶୈଳୀ ଯୋଗୁ ୨୦୨୦ ପାର୍ଲାମେଣ୍ଟ ନିର୍ବାଚନରେ ଜେସିଣ୍ଡା ବିପୁଳ ଭୋଟରେ ବିଜୟୀ ହୋଇଥିଲେ ଓ ତାଙ୍କ ଦଳ ନିରଙ୍କୁଶ ଆସନ ଅକ୍ତିଆର କରିବାରେ ସଫଳ ହୋଇଥିଲା।

ଏହା ସତ୍ୟ ଯେ ତାଙ୍କ ଲୋକପ୍ରିୟତା ଓ ଦଳର ସ୍ଥିତି ଏବେ ଦୁର୍ବଳ ହୋଇଯାଇଥିବା ବେଳେ ଜେସିଣ୍ଡା ଇସ୍ତଫା ଦେବା ନେଇ ଘୋଷଣା କରିଛନ୍ତି। କୋଭିଡ୍-୧୯ ବେଳେ ତାଙ୍କ ଉଲ୍ଲେଖନୀୟ ଅବଦାନ, ଦୁଇ ବର୍ଷ ପାଇଁ ଦେଶର ସୀମାକୁ ବନ୍ଦ କରିବା, ଶିଶୁ ଓ ମହିଳାଙ୍କ ପାଇଁ କାର୍ଯ୍ୟ କରିବା ସତ୍ତ୍ୱେ ଦରଦାମ ବୃଦ୍ଧିଜନିତ ଆର୍ଥିକ ସଙ୍କଟ ଇସ୍ତଫା ପଛର କାରଣ ପାଲଟିଯାଇଛି। ସ୍ଥିତି ସହ ସମତାଳ ଦେଇ ଚାଲିବାରେ ସେ ଅସଫଳ ହେଲେ। ଏଥିସହିତ ନିକଟରେ ପାର୍ଲାମେଣ୍ଟ ଭିତରେ ମାଇକ୍ ଅନ୍ ଥିବାବେଳେ ସେ ଲିବରେଟାରିଆନ୍ ପାର୍ଟି ନେତା ଡେଭିଡ୍ ସିମୋର୍‌ଙ୍କୁ ଉପଲକ୍ଷ୍ୟ କରି ଅଶାଳୀନ ମନ୍ତବ୍ୟ ଦେଇଥିଲେ। ସେଥିପାଇଁ ସେ ପରେ କ୍ଷମା ମାଗିଥିଲେ।

ଜେସିଣ୍ଡା କ୍ଷମତାରୁ ଓହରିଯିବା ବିଷୟ ଘୋଷଣା କରିବା ତାଙ୍କ ପାର୍ଟି ପାଇଁ ଅସ୍ଥିରତା ଆଣିବ ବୋଲି କୁହାଯାଇପାରେ। ଅନ୍ୟପକ୍ଷରେ ଦେଖିଲେ ତାଙ୍କ ପଦକ୍ଷେପ ଚଳିତ ବର୍ଷ ଆଗକୁ ହେବାକୁ ଥିବା ନିର୍ବାଚନ ସକାଶେ ହୁଏତ ସହାନୁଭୂତିର ତରଙ୍ଗ ସୃଷ୍ଟି କରିପାରେ।

ଏହା ଅପରିହାର୍ଯ୍ୟ ଯେ, ସମ୍ଭବତଃ ପୃଥିବୀରେ ଅନ୍ୟ କେହି ନେତାଙ୍କ ଏଭଳି ସାହସ ଥିବ ଯିଏ କ୍ଷମତାରେ ଥିବା ବେଳେ ପଦବୀ ତ୍ୟାଗକରି ସାଧାରଣ ନାଗରିକ ଭଳି ରହିବାକୁ ପସନ୍ଦ କରିବେ। ହୁଏତ ଭାରତରେ କ୍ୱଚିତ୍ ବ୍ୟକ୍ତି କ୍ଷମତାରେ ଥାଇ ତାହାକୁ ତ୍ୟାଗ କରିବାକୁ ଚାହୁଁଥିବାର ଖବର ମିଳେ। ତନ୍ମଧ୍ୟରୁ ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ ନୁହନ୍ତି, କାରଣ ସେ ଯେଉଁ ତ୍ୟାଗ କରୁଛନ୍ତି ତାହା ତାଙ୍କର ଭୁଲ୍ କାର୍ଯ୍ୟରୁ ଉପୁଜିଥିବା ଚାପର ପରିଣତି ହୋଇଥାଇପାରେ।

# ପ୍ରଚାର ଓ ପ୍ରତାରଣା



ଡ.ପ୍ରଫୁଲ୍ଲ କୁମାର ସାହୁ

ଦେଶର ଅର୍ଥନୀତି ପାଇଁ ଖରାପ ଖବର ଆଣିଛି ନୂଆବର୍ଷ -୨୦୨୩। ବର୍ଷର ପ୍ରଥମ ଦିନରେ ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମ୍‌ଆଇଇ) ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାଯାଏ ଦେଶରେ ବେକାରି ହାର ୮.୩ ପ୍ରତିଶତ ବୃଦ୍ଧି ପାଇଛି,ଯାହା ୧୬ ମାସ ମଧ୍ୟରେ ସର୍ବାଧିକ। ସରକାର ଯେତେ ଅସ୍ୱୀକାର କଲେ ବି ଏହାକୁ ପ୍ରମାଣ କରୁଛି ଖାଦ୍ୟ ବଣ୍ଟନ ବ୍ୟବସ୍ଥାର ବ୍ୟାପକତା। ଆଗେ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ଅନୁସାରେ ହିତାଧିକାରୀଙ୍କୁ ଖାଦ୍ୟଶସ୍ୟ ବଣ୍ଟନ କରାଯାଉଥିଲା ସ୍ୱଳ୍ପ ମୂଲ୍ୟରେ। କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତିକ୍ରମେ ଚଳିତ ମାସରୁ ତାହା ହିତାଧିକାରୀଙ୍କୁ ମିଳିବ ପୂରା ମାଗଣାରେ। ଏଭଳି ମାଗଣାରେ ବଣ୍ଟନ କରିବା ପାଇଁ ସରକାରଙ୍କୁ ଆକାଶଛୁଆଁ ଦରଦାମ ସାଙ୍ଗକୁ ବେକାରି ଓ ବେରୋଜଗାରିର ଚିନ୍ତାଜନକ ସ୍ଥିତି ଯେ ବ୍ୟାପକ କରିଛି,ତାହା ନିଃସନ୍ଦେହ। ଏଥିରୁ ବୁଝିବାକୁ ହେବ ଯେ ସରକାରଙ୍କ ନିଯୁକ୍ତି ନୀତି ବିଫଳ ହେବା ସହିତ ଏକ ଧୂଆଁବାଣରେ ପରିଣତ ହୋଇସାରିଛି ପ୍ରଧାନମନ୍ତ୍ରୀଙ୍କ ବର୍ଷକୁ ଦୁଇକୋଟି ନିଯୁକ୍ତି ଘୋଷଣା।

କୌଣସି ରାଷ୍ଟ୍ରର ବିକାଶ ନିର୍ଭର କରେ ଜ୍ଞାନ, ବୁଦ୍ଧିମତ୍ତା, ଧୀଶକ୍ତିର କୌଶଳପୂର୍ଣ୍ଣ ବ୍ୟବହାର ବା ମାନବସମ୍ବଳର ସୁପରିଚାଳନା ଉପରେ। ବିଶେଷକରି ଯେଉଁ ଦେଶ ଯୁବଶକ୍ତିକୁ ଅର୍ଥଶକ୍ତିରେ ପରିଣତ କରିବାରେ ଯେତେ ସକ୍ଷମ, ସେ ଦେଶର ସାମାଜିକ, ବୈଷୟିକ ଓ ଅର୍ଥନୈତିକ ବିକାଶ ସେତେ ଉନ୍ନତ,ଦ୍ରୁତ ଓ ନିରନ୍ତର। ଅଥଚ ଆମ ଦେଶରେ ଯୁବଶକ୍ତିର ବାଟ ଓଗାଳି ଠିଆ ହୋଇଛି ବେକାରି ଓ ବେରୋଜଗାରି। ଆନ୍ତର୍ଜାତିକ ଶ୍ରମ ସଂଗଠନ(ଆଇଏଲ୍‌ଓ) ପକ୍ଷରୁ ପ୍ରକାଶିତ 'ଗ୍ଲୋବାଲ ଏମ୍ପ୍ଲୟମେଣ୍ଟ ଟ୍ରେଣ୍ଡସ ଫର୍ ୟୁଥ ଶୀର୍ଷକ' ଏକ ରିପୋର୍ଟ ଅନୁଯାୟୀ ଭାରତ ଭଳି ବିକାଶଶୀଳ ଦେଶରେ ଯୁବଶକ୍ତି ପାଇଁ ସବୁଠାରୁ ବଡ଼ ସମସ୍ୟା ହେଲା ସୁଯୋଗର ମରୁଡ଼ି। କର୍ମ ଯୋଗାଣର ଉପଯୁକ୍ତ ବ୍ୟବସ୍ଥା ନ କରି ଶିକ୍ଷାର ପ୍ରସାର ଘଟିଲେ ଶିକ୍ଷିତ ବେକାରଙ୍କ ସଂଖ୍ୟା ବଢ଼ିବା ସ୍ୱାଭାବିକ। ଆମ ଦେଶରେ ସ୍ୱାଧୀନତା ପରେ ଯେଉଁ ପରିମାଣରେ ଶିକ୍ଷାର ପ୍ରସାର ଘଟିଛି,ସେହି ପରିମାଣରେ ଉପଯୁକ୍ତ କର୍ମସଂସ୍ଥାନ ନ ହୋଇପାରିବା କାରଣରୁ ଦେଶାନ୍ତରୀ ହେଉଛି ପ୍ରତିଭା। ଖବରକାଗଜରେ ପ୍ରକାଶିତ ଏକ ତଥ୍ୟ ଅନୁସାରେ ଯୁକ୍ତରାଷ୍ଟ୍ର ଆମେରିକାର ୩୮ପ୍ରତିଶତ ଡାକ୍ତର,୩୬ ପ୍ରତିଶତ ନାସା ଗବେଷଣା କେନ୍ଦ୍ରର କର୍ମଚାରୀ ଓ ୩୪ ପ୍ରତିଶତ ମାଇକ୍ରୋସଫ୍ଟ କର୍ମଚାରୀ ଭାରତୀୟ। ସେମାନଙ୍କ ଉଚ୍ଚଶିକ୍ଷା ପାଇଁ ଦେଶରୁ ଖର୍ଚ୍ଚ ହେଉଛି ପର୍ଯ୍ୟାପ୍ତ ପୁଞ୍ଜି। ଅଥଚ ସେମାନଙ୍କ ସାମର୍ଥ୍ୟକୁ ବିନିଯୋଗ କରି ଆଗକୁ ବଢୁଛି ପାଶ୍ଚାତ୍ୟ ରାଷ୍ଟ୍ର।

ନିଯୁକ୍ତି ସୃଷ୍ଟି କରିବା ହେଉଛି ଦକ୍ଷ ଅର୍ଥନୀତି ପରିଚାଳନାର ଏକ ନମୁନା। ସେଭଳି ପରିଚାଳନାଗତ ଦକ୍ଷତା ଅଭାବରୁ ଆମ ଦେଶରେ ପ୍ରତିବର୍ଷ ବେକାରି ତାଲିକାଭୁକ୍ତ ହୁଅନ୍ତି କୋଟିଏରୁ ଅଧିକ ଯୁବତୀଯୁବକ। ପ୍ରତିଥର ନିର୍ବାଚନ ଆସିଲେ ବେକାରି ହଟେଇବା ପାଇଁ ଅଜାଡି ହୋଇପଡେ ଅଜସ୍ର ପ୍ରତିଶ୍ରୁତି। ଶେଷରେ ପ୍ରତାରଣାର ଶିକାର ହୁଅନ୍ତି ଭାରତର ଯୁବତୀଯୁବକ। ବେକାରି ସମସ୍ୟାର ଏକ ପ୍ରମୁଖ କାରଣ ହେଉଛି ଚାକିରିମୁଖୀ ଶିକ୍ଷା ବ୍ୟବସ୍ଥା। ଏହା ପିଲାମାନଙ୍କୁ ତାଙ୍କ କୌଳିକ ବୃତ୍ତିରୁ ଦୂରେଇ ନେବା ସହିତ ସୃଷ୍ଟି କରୁଛି ଶାରୀରିକ ଶ୍ରମକୁ ନ୍ୟୂନ ମନେକରିବାର ମାନସିକତା। ଏ ଦିଗରେ ସେମାନଙ୍କୁ ଅଧିକ ପ୍ରୋତ୍ସାହିତ କରୁଛି ବିଭିନ୍ନ ମାଗଣା ବଣ୍ଟନ ଯୋଜନା। ନିଜ ଉଦ୍ୟମରେ କିଛି ନ କରି ବର୍ଷ ବର୍ଷ ଧରି ସରକାରୀ ଚାକିରିକୁ ଚାହିଁ ରହିଥିବା ବେକାରି ଯୁବକମାନଙ୍କ ସଂଖ୍ୟା ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ବେଶି। ସିଏମ୍‌ଆଇଇ ରିପୋର୍ଟ ଅନୁସାରେ ସହରାଞ୍ଚଳରେ ବେରୋଜଗାରି ହାର ବଢି ୧୦.୦୯ ପ୍ରତିଶତରେ ପହଞ୍ଚିଥିବା ବେଳେ ଗ୍ରାମାଞ୍ଚଳରେ ଏହା ୭.୪୪ ପ୍ରତିଶତ।



ରିପୋର୍ଟରେ ବିଭିନ୍ନ ରାଜ୍ୟକୁ ନେଇ ପ୍ରକାଶ ପାଇଥିବା ତଥ୍ୟ ଅନୁସାରେ ହରିୟାଣାର ବେକାରି ହାର (୩୭.୪) ସବୁଠାରୁ ଉପରେ ଥିବାବେଳେ ତା' ତଳକୁ ରହିଛି ରାଜସ୍ଥାନ (୨୮.୫), ଦିଲ୍ଲୀ(୨୦.୮), ବିହାର(୧୯.୧), ଝାଡଖଣ୍ଡ ୧୮.୦ ଆଦି ରାଜ୍ୟ। ରିପୋର୍ଟରେ ସବୁଠାରୁ ଚକିତ କଲାଭଳି ତଥ୍ୟ ହେଉଛି ଓଡ଼ିଶାର ବେକାରି ହାର ମାତ୍ର ୦.୯ ପ୍ରତିଶତ, ଯାହା ଦେଶର ଯେ କୌଣସି ରାଜ୍ୟଠାରୁ ବି କମ୍। କିଏ ଏହାକୁ ରାଜ୍ୟ ସରକାରଙ୍କ ଅନବରତ ପ୍ରୟାସର ଫଳ କହୁଛି ତ କିଏ କହୁଛି ଶିଳ୍ପାୟନ ଆଣିଦେଇଛି ଅପୂର୍ବ ସୁଯୋଗ। ହେଲେ ବୁଝିହେଉନି ରାଜ୍ୟରୁ କେମିତି ହଠାତ୍ ଉଭାନ ହୋଇଗଲେ ବେକାରି। କିଏ କେଉଁଠି ନିଯୁକ୍ତି ପାଇଲେ ତାହା ପ୍ରାୟତଃ ସମସ୍ତଙ୍କୁ ଅଜଣା। ତଥାପି ରିପୋର୍ଟ କହୁଛି ଗୁଜରାଟ ଭଳି ରାଜ୍ୟ (୨.୩)ଠାରୁ ବି ଓଡ଼ିଶା ଢେର୍ ଆଗରେ।

ତଥ୍ୟ ଅନୁସାରେ ଓଡ଼ିଶାର ବେକାରି ଓ ବେରୋଜଗାରି ତୁଳନାତ୍ମକ ଭାବେ କମ୍ ହେଲେ ବି ଚିନ୍ତାଜନକ। ବିଧାନସଭାରେ ସରକାର ରଖିଥିବା ଏକ ତଥ୍ୟ ଅନୁସାରେ ୨୦୨୦ ଲକ୍‌ଡାଉନ ସମୟରେ ୧୦ ଲକ୍ଷ ୭ହଜାର ୩୩୩ ଜଣ ପ୍ରବାସୀ ଓଡ଼ିଆ ଶ୍ରମିକ ଘରକୁ ଫେରି ଆସିଥିଲେ ଏବଂ ସେମାନଙ୍କୁ ସେତେବେଳେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିଲା ୧୩୪ କୋଟି ୬୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା। ଏଥିରୁ ସ୍ପଷ୍ଟ ହେଉଛି ଏଠାରେ କାମ ନ ପାଇ ଲକ୍ଷ ଲକ୍ଷ ଶ୍ରମିକ ଦାଦନ ଖଟୁଛନ୍ତି ବାହାର ରାଜ୍ୟରେ। ଓଡ଼ିଶାର ବିଭିନ୍ନ ଜିଲାରେ ବିଶେଷକରି ପଶ୍ଚିମ ଓଡ଼ିଶାରେ ନୂଆଖାଇ ପର୍ବ ପରେ ଆରମ୍ଭ ହୋଇ ଯାଏ ଦାଦନ ଋତୁ। ପେଟପାଟଣା ପାଇଁ ଆନ୍ଧ୍ର, ଗୁଜରାଟ, କେରଳ ଓ ତାମିଲନାଡୁ ଆଦି ରାଜ୍ୟକୁ ଛୁଟେ ଦାଦନ ସୁଅ।

ଓଡ଼ିଶାରେ କୃଷି ପରେ ବୟନ ଶିଳ୍ପ ଥିଲା ସର୍ବବୃହତ୍ ନିଯୁକ୍ତି ଏବଂ ଜାତୀୟ ଆୟ ଯୋଗାଉଥିବା ଶିଳ୍ପ ଓ କଳାକ୍ଷେତ୍ର। ଏକ ସର୍ବେକ୍ଷଣରୁ ଜଣାଯାଏ ନିକଟ ଅତୀତରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରାୟ ପଚାଶ ହଜାର ତନ୍ତ ଚାଲୁଥିଲା ଏବଂ ଏଥିରୁ ଜୀବିକା ନିର୍ବାହ କରୁଥିଲେ ଅଢେଇ ଲକ୍ଷ ଲୋକ। କେବଳ ଦେଶରେ ନୁହେଁ, ବିଦେଶରେ ବି ଥିଲା ସମ୍ବଲପୁରୀ ଶାଢ଼ି, ବରହମପୁରୀ ପାଟ ଓ ଖଣ୍ଡୁଆ ପାଟ ଇତ୍ୟାଦିର ବିଶେଷ ଆଦର। ମାତ୍ର ସୂତାର ଅତ୍ୟଧିକ ମୂଲ୍ୟ ବୃଦ୍ଧି ଓ ହସ୍ତତନ୍ତ ନିର୍ମିତ ଲୁଗାର ଅଭାବୀ ବିକ୍ରି ପାଇଁ ସଙ୍କଟ ମୁହଁକୁ ଟାଣି ହୋଇଗଲା ବୟନ ଶିଳ୍ପ। ମସିଣା ବୁଣାଠାରୁ ଗାଲିଚା ତିଆରି ଯାଏ ହସ୍ତତନ୍ତ, ବୟନଶିଳ୍ପ ଭଳି ବୃହତ୍ କ୍ଷେତ୍ରରୁ ଦୂରେଇ ଗଲେଣି କାରିଗର। ବାଣପୁରର ବେତ କାମ ଏବେ ସଙ୍କଟରେ। ଉପଯୁକ୍ତ ପାରିଶ୍ରମିକ ନ ପାଇ ରାଜ୍ୟ ଛାଡି ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି କାରିଗର। ଜୀବିକା ହରାଇ ବସିଲେଣି ଶହଶହ ଶ୍ରମିକ ଓ ବ୍ୟବସାୟୀ। କଟକର ଶିଙ୍ଗ କାମ,ଭୁବନ,ବାଲକାଟି ଓ ରେମୁଣାର କଂସା ବାସନ, ନୀଳଗିରି ଓ ଖିଚିଂର ପଥର ଏବଂ ପିପିଲି,ଗଞ୍ଜାମ ଓ ଖଲ୍ଲିକୋଟର ଚାନ୍ଦୁଆଠାରୁ ବାନ୍ଧ, ବାଉଁଶକାମ,ମାଟି କଣ୍ଢେଇ, ଝୋଟ ନିର୍ମିତ ହସ୍ତଶିଳ୍ପ, ତାଳପତ୍ର ତିଆରି ସାଜସଜ୍ଜା, ଶଙ୍ଖ ଶାମୁକା କାର୍ଯ୍ୟ, ଯାତ୍ରାଦଳ ପୋଷାକ, ନଡ଼ିଆ କତା ଓ ନଡ଼ା ତିଆରି ହସ୍ତକଳା ଆଦି ବିଭିନ୍ନ ଅଞ୍ଚଳର ହସ୍ତକଳା ଓ କୁଟୀରଶିଳ୍ପ ଏବେ ମୃତପ୍ରାୟ। ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟରେ ଗରୀୟାନ ଓଡ଼ିଶାରେ ଏସବୁ ଶିଳ୍ପକଳା ନିମନ୍ତେ ସମ୍ବଳ ବା କଞ୍ଚାମାଲର ଅଭାବ ନାହିଁ, ଅଭାବ କେବଳ ଆଗ୍ରହ ଓ ଉଦ୍ୟମର। କୌଳିକ ବୃତ୍ତି ପ୍ରତି ଲୋକଙ୍କ ମନରେ ଆଗ୍ରହ ଓ ଭରସା ଭରିଦେବା ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପ୍ରୋତ୍ସାହନ ବ୍ୟବସ୍ଥା ରହିବା ଜରୁରୀ। ଅନ୍ୟଥା ବିକାଶର ଗୋଲାପି ଚିତ୍ର ଦେଖେଇ ଯେତେ ଯାହା ପ୍ରଚାର କଲେ ବି ତାହା କେବଳ ପ୍ରତାରଣାରେ ପରିଣତ ହେବ ଏବଂ ଦିବାସ୍ୱପ୍ନ ହୋଇ ରହିଯିବ ସଭିଙ୍କ ହାତକୁ କର୍ମ ଯୋଗାଣ।

**ଅବସରପ୍ରାପ୍ତ ଅଧ୍ୟକ୍ଷ,**
**ବିଜୁ ପଟ୍ଟନାୟକ ନଗର,ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ପ୍ରତ୍ୟାଖ୍ୟାତ ରକ୍ତଗୋଲାପର ଇତିକଥା



ସୁପ୍ରଭା ବେହେରା

ଥିଲା ଜଣେ ଦର୍ଶନର ଛାତ୍ର। ସେହି ଯୁବକଙ୍କର ତାଙ୍କ ପ୍ରଫେସରଙ୍କ ଝିଅ ପ୍ରତି ପ୍ରେମ ଭାବ ଜାଗ୍ରତ ହେଲା। ସେ ସେହି ଝିଅଟିକୁ ପ୍ରେମ ନିବେଦନ କଲେ। ତା' ସହ ନାଚିବାକୁ କହିଲେ। କିନ୍ତୁ ଝିଅଟିର ଥିଲା ଅଜବ ଜିଦ୍। ତାକୁ ଦରକାର ଥିଲା ଗୋଟିଏ ନାଲି ଗୋଲାପ। ଯୁବକଟିକୁ କିନ୍ତୁ ନାଲି ଗୋଲାପ କେଉଁଠି ମିଳୁ ନ ଥିଲା। ସତରେ କ'ଣ ଗୋଟିଏ ନାଲି ଗୋଲାପ ପାଇଁ ତା' ହୃଦୟର ପ୍ରେମ ବୃଥା ଯିବ? ଦୁଃଖରେ ସେ ଭାଙ୍ଗି ପଡ଼ିଲା। ଏକଥା ଦେଖୁଥିଲା ଗଛ ଉପରେ ବସିଥିବା ଗୋଟିଏ ବୁଲ୍‌ବୁଲ୍ ପକ୍ଷୀ। ଯୁବକଟିର ପ୍ରେମସିକ୍ତ ହୃଦୟର ଅକୁହା ବେଦନାରେ ଭିଜିଗଲା ପକ୍ଷୀର ହୃଦୟ। ସେଠାରେ ଉଡ଼ି ବୁଲୁଥିବା ପ୍ରଜାପତି ଓ ଗଛ ଡାଳରୁ ଡେଇଁ ମାରୁଥିବା ଝିଟିପିଟିକୁ କିନ୍ତୁ ଏସବୁ ପିଲାଳିଆମୀ ଲାଗିଲା। ପକ୍ଷୀଟି କିନ୍ତୁ ମନସ୍ଥ କଲା, ସେ ଯେଉଁଠୁ ବି ହେଉ, ଯୁବକଟି ନିମନ୍ତେ ନାଲି ଗୋଲାପ ଆଣିବ। ଉଡ଼ି ବୁଲିଲା ଏଠାରୁ ସେଠାକୁ। ସବୁଠି ନିରାଶାର ତପ୍ତ ବାଲିରେ ଝାଉଁଳିଯାଉଥିବା ଆଶାର କ୍ଷୀଣ ଧାରକୁ ହଠାତ୍ ରାହା ମିଳିଲା ଯେମିତି। ସନ୍ଧାନ ମିଳିଲା। ସ୍ଥାନଟି ଥିଲା ସେହି ଯୁବକର ଝରକା ପଛପାଖ। ଗଛଟି ବରଫପାତରେ ଜରାଜୀର୍ଣ୍ଣ ହୋଇଯାଇଥିଲା। ତାହାର ଶାଖା ପ୍ରଶାଖରେ ଯେ ନାଲି ଗୋଲାପ ଫୁଟିବ, ଏହା ଦୂର ଆକାଶର ସ୍ୱପ୍ନ ପରି ଅହେତୁକ ଥିଲା। ପକ୍ଷୀଟି ଗଛ ନିକଟରେ ଖୁବ୍ ନେହୁରା ହେଲା ଫୁଲଟିଏ ପାଇଁ। ଶେଷରେ ଗଛଟି ଗୋଟିଏ ଉପାୟ କହିଲା। ଗୋଟିଏ ପୂର୍ଣ୍ଣମୀ ରାତିର ରୁପା ରଙ୍ଗରେ ଯେତେବେଳେ ସାରା ସହର ଭିଜୁଥିବ,ଠିକ୍ ସେତିକି ବେଳେ ପକ୍ଷୀଟି ତାହାର ସୁମଧୁର କଣ୍ଠରେ ସାରା ରାତି ଗୀତ ଗାଇବ। ଆଉ ଗୀତ ଗାଇବା ବେଳେ ତାହାର ହୃଦୟଟି ଗୋଲାପ କଣ୍ଟାରେ ବିଦ୍ଧ ହୋଇରହିବ।

ରାତିର ଆୟୁଷ ବଢ଼ିଚାଲିଲା। ବଢ଼ି ଚାଲିଲା ଶୂନ୍‌ଶାନ୍ ପଣ। ପକ୍ଷୀଟିର କରୁଣ ସଙ୍ଗୀତ ରାତିର ଶୂନ୍‌ଶାନ୍ ପଣକୁ ଚିରିପକାଇଲା। ରାତିର ଗଭୀରତା ମଧ୍ୟ ବଢ଼ି ଚାଲିଲା। ସେହି ଗଭୀରତାଠାରୁ ଆହୁରି ଗଭୀର ହେଲା କ୍ଷତ। ଗୋଲାପର ତୀକ୍ଷ୍ଣ କଣ୍ଟା ବିଦ୍ଧହେଲା ପକ୍ଷୀର କୋମଳ ହୃଦୟରେ। ଆଉ କୋମଳ ହୃଦୟର ରକ୍ତ ସବୁ ସଞ୍ଚରି ଗଲା ଗୋଲାପ ଗଛର ଶାଖାପ୍ରଶାଖାରେ। ସକାଳର ସୂରୁଯ ଆଉ ପକ୍ଷୀଟି ଦେଖି ପାରିଲା ନାହିଁ। କିନ୍ତୁ ତାହାର ତ୍ୟାଗର ଫଳ ରୂପାନ୍ତରିତ ହୋଇଯାଇଥିଲା ରକ୍ତ ରଙ୍ଗର ନାଲି ଗୋଲାପରେ। ଯୁବକଟି ସକାଳୁ ଉଠି ସଦ୍ୟ ପ୍ରସ୍ଫୁଟିତ ନାଲି ଗୋଲାପକୁ ଦେଖି ଖୁସି ହୋଇଯାଇଥିଲା। ଆତ୍ମହରା ହୋଇ ଗଛରୁ ନାଲି ଗୋଲାପଟିକୁ ତୋଳି ଧରି ଧାଇଁଲା ସେହି ଯୁବତୀ ପାଖକୁ। କିନ୍ତୁ ଯୁବତୀ ପାଖରେ ନାଲି ଗୋଲାପର ଆଉ କୌଣସି ମୂଲ୍ୟ ନ ଥିଲା। କାହିଁକି ନା ଜଣେ ଧନୀ ଶ୍ରେଣୀର ଯୁବକଠାରୁ ସେ ଉପହାର ରୂପରେ ଖୁବ୍ ମୂଲ୍ୟବାନ୍ ଅଳଙ୍କାର ପାଇଥିଲା। ସେ ସେହି ନାଲି ଗୋଲାପଟିକୁ ରାସ୍ତାକଡ଼ ନାଳକୁ ଫିଙ୍ଗି ଦେଲା। ଏହି ଗଳ୍ପଟି ପ୍ରଖ୍ୟାତ ଲେଖକ ଓସ୍କାର ୱାଇଲ୍ଡଙ୍କ 'ଦ ନାଇଟ ଏଙ୍ଗେଲ୍ସ ଆଣ୍ଡ୍ ଦ ରେଡ୍ ରୋଜ୍' ର ପଟ୍ଟକଥା।

ଏହି ସମସ୍ତ ଧାରା ପ୍ରେମର ବାରିଧାରାରେ ସିକ୍ତ। ପୁଣି ପ୍ରେମରେ ପଲ୍ଲବିତ ସମସ୍ତ ସୃଷ୍ଟି। ସେ ଫୁଲକଢ଼ିଟିଏ ହେଉ ଅବା କଅଁଳା ପକ୍ଷୀର ଖଣ୍ଡିଉଡ଼ା ,କୁନି ଶିଶୁର ଦରୋଟି ହସ ସବୁଥିରେ ପ୍ରେମର ସାକ୍ଷର। ପ୍ରେମ ଏକ ଈଶ୍ୱରୀୟ ବରଦାନ। ପ୍ରେମ ଶାଶ୍ୱତ। ପ୍ରେମ ସର୍ତ୍ତହୀନ। ସେ ଦେବାନେବାର ହିସାବ ରଖେ ନାହିଁ। ଦୁଇଟି ହୃଦୟକୁ ଯୋଡୁଥିବା ରଜ୍ଜୁର ନାମ ହେଉଛି ପ୍ରେମ। ପ୍ରେମ ଆଶା, ପ୍ରତ୍ୟାଶା ରଖେ ନାହିଁ। ନ ଥାଏ ଦୂରତା କିମ୍ବା ହରାଇବାର ଭୟ। ନ ହେଲେ ଯୋଜନ ଯୋଜନ ଥିବା ଦୂର ଆକାଶର ଚାନ୍ଦ ପାଇଁ କୁମୁଦିନୀ ଝୁରି ହୁଅନ୍ତା ନାହିଁ। ଚାକୋର ଅପେକ୍ଷା କରନ୍ତା ନାହିଁ ଚକୋରୀ ପାଇଁ।

ଏବେ ସାରା ବିଶ୍ୱ ପ୍ରଦୂଷଣମୟ। ସବୁଆଡ଼େ ପ୍ରଦୂଷଣର ବିକଟ ଗନ୍ଧ। ଏଥିରୁ ସମ୍ପର୍କର ପ୍ରଦୂଷଣ ଅବା ବାଦ୍ ପଡ଼ିବ କେମିତି? ମାଟି, ପାଣି, ବାୟୁ ଯେପରି ମନୁଷ୍ୟର ମୌଳିକ ଆବଶ୍ୟକତା, ସମ୍ପର୍କ ମଧ୍ୟ ବଞ୍ଚିବା ପାଇଁ ଏକ ଆବଶ୍ୟକ ଉପାଦାନ। ଏହି ସମ୍ପର୍କ ମଧ୍ୟରେ ସବୁଠାରୁ ଯେଉଁ ସମ୍ପର୍କଟି ବେଶି ପ୍ରଦୂଷିତ, ତାହା ହେଉଛି ପ୍ରେମ ସମ୍ପର୍କ। ଆଜିର ଯୁବକଯୁବତୀ ଅନଳକୁ ଦେଖି ପତଙ୍ଗ ଯେସନେ, ଧାବମାନ ସେ ସମ୍ପର୍କ ଆଡ଼କୁ। ଯେଉଁଠି ନିଜର କାମନା ବାସନା ଚରିତାର୍ଥ ମୂଳ ଲକ୍ଷ୍ୟ ହୋଇ ପଡିଛି। ଦୈହିକ ସମ୍ପର୍କ, ଅର୍ଥ ଲୋଭ ଇତ୍ୟାଦି ସମ୍ପର୍କକୁ ନିମ୍ନଗାମୀ କରାଉଛି। ସେହି ସବୁ ଲକ୍ଷ୍ୟ ପୂରଣ ପରେ ପ୍ରେମ ଅର୍ଥହୀନ ହୋଇଯାଉଛି, ଯାହାର ଫଳାଫଳ ପ୍ରତ୍ୟହ ଖବରକାଗଜ ପୃଷ୍ଠା ମଣ୍ଡନ କରୁଛି। କେଉଁଠି କିଏ ପ୍ରେମିକାକୁ ତିରିଶ ଖଣ୍ଡ କରି କାଟି ଫ୍ରିଜ୍‌ରେ ରଖିଲାଣି, ପୁଣି କିଏ ପ୍ରେମିକକୁ ପଥରରେ ଛେଚି ହତ୍ୟାକଲାଣି। କିଏ ପ୍ରେମ ନାମରେ କାହାଠାରୁ ଟଙ୍କା ପଇସା ଲୁଟି ନେଲାଣି ତ କିଏ ପୁଣି ଏସିଡ୍ ଫିଙ୍ଗି କାହାକୁ ବିକୃତ କଲାଣି। ପ୍ରତ୍ୟହ ନୂତନ ପରିକଳ୍ପନାରେ ହତ୍ୟା, ଠକେଇ, ପ୍ରତାରଣା। ଏହାର କୁପ୍ରଭାବ ଏମିତି କାୟା ବିସ୍ତାର କଲାଣି ଯେ ସୁସ୍ଥ ସାମାଜିକ ଚଳଣିର ପରିକଳ୍ପନା ତାସଘର ଭଳି ଭୁଶୁଡ଼ିବାକୁ ଲାଗିଲାଣି। ବିଶ୍ୱାସ ଓ ଭଲପାଇବା ସମ୍ପର୍କର ଦୋଛକିରେ ରାହା ଧରି କାନ୍ଦିଲେଣି। ଓସ୍କାର ୱାଇଲ୍ଡଙ୍କ ଗଳ୍ପର ସେଇ ପ୍ରତ୍ୟାଖ୍ୟାତ ନାଲି ଗୋଲାପଟି ଏବେ ମଧ୍ୟ ପ୍ରେମର ସାତସୁରକୁ ଗାଉଛି। କିନ୍ତୁ ସେଇ ସ୍ୱରରେ ତ୍ୟାଗ, ବିଶ୍ୱାସ, ନିଷ୍ଠା, ଧୈର୍ଯ୍ୟ, ଭଲପାଇବା, ପରସ୍ପର ପ୍ରତି ସମ୍ମାନ ଓ ଅଙ୍ଗୀକାରବଦ୍ଧତା ରହିବା ଏକାନ୍ତ ଆବଶ୍ୟକ।



**ମୁକୁନ୍ଦପୁର, ତିହିଡି, ଭଦ୍ରକ**
**ମୋ: ୯୦୪୦୩୬୦୨୫୯**

## ଏଇ ଭାରତରେ

ଜଣେ ଆଇଏଏସ୍ ଅଧିକାରୀଙ୍କ ନିଜ ଦାୟିତ୍ୱ ବାଦ୍ ନିଆରା ଉପାୟରେ ଜଳାଶୟ ପୁନରୁଦ୍ଧାର ନିଶ୍ଚିତ ଭାବେ ପ୍ରେରଣାଦାୟକ। ଏଭଳି କାର୍ଯ୍ୟ କରୁଛନ୍ତି ମଧ୍ୟପ୍ରଦେଶ ଉଜ୍ଜୟିନୀ ମ୍ୟୁନିସିପାଲ କମିଶନର ଅଂଶୁଲ ଗୁପ୍ତା। ବଡ଼ କଥା ହେଉଛି ସେ ସରକାରୀ ଅନୁଦାନ ବିନା କେବଳ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଓ ସଂଗୃହୀତ ପାଣ୍ଠି ମାଧ୍ୟମରେ ୫ ଏକରବିଶିଷ୍ଟ ଜଳାଶୟ ପୁନରୁଦ୍ଧାର କରିଛନ୍ତି। ୨୦୧୬ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଅଂଶୁଲ ୨୦୨୧ରେ ଉଜ୍ଜୟିନୀ ମ୍ୟୁନିସିପାଲ କମିଶନର ଦାୟିତ୍ୱ ନେବା ପରେ ଏଭଳି ପଦକ୍ଷେପ ନେଇଥିଲେ। ଉଜ୍ଜୟିନୀ ନିକଟରେ ଥିବା ଏହି ଜଳାଶୟ ସେଠାକାର କୃଷିରେ ପ୍ରମୁଖ ଭୂମିକା ନିଏ। ଏହା ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ୧୨୫ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଏନ୍‌ଭାଇରନ୍‌ମେଣ୍ଟାଲିଷ୍ଟ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ( ଇଏଫ୍‌ଆଇ) ଓ ସ୍ଥାନୀୟ ପ୍ରଶାସନ ସହଯୋଗରେ ଏହାର ପୁନରୁଦ୍ଧାର ସମ୍ଭବ ହୋଇଛି। ଏଥିରେ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ଓ ଏହା ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଯୋଗାଡ଼ କରିଛନ୍ତି ଅଂଶୁଲ। ପୂର୍ବରୁ ସେ ଉମାରିଆ ଜିଲାର ଜିଲା ପଞ୍ଚାୟତ ସିଇଓ ଥିବା ସମୟରେ ୩୦ଟି ପରିତ୍ୟକ୍ତ ଜଳାଶୟ ସରକାରୀ ଯୋଜନାରେ ପୁନରୁଦ୍ଧାର କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଜାନୁୟାରୀ ୧୯୯୮

- ବାଂଲାଦେଶର ଦକ୍ଷିଣାଞ୍ଚଳ ଫିରୋଜପୁର ନିକଟ କୋଚା ନଦୀରେ ଏକ ଦେଶୀ ଯନ୍ତ୍ରଚାଳିତ ଡଙ୍ଗା ବୁଡ଼ିଯିବାରୁ ୫୦ ମୃତ।
- ସମତାପାର୍ଟି ଜାତୀୟ ସାଧାରଣ ସମ୍ପାଦକ ମଞ୍ଜନଲାଲ ତାଙ୍କ ପାର୍ଟିର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇ ଆର୍‌ଜେଡିରେ ସାମିଲ।
- ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ମଲ୍ଲିକ କଂଗ୍ରେସ ଦଳ ତ୍ୟାଗ କରି ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି।

## ଚିରନ୍ତନୀ

ବରଷା ଜଳେ ବସନ ତବ ତିନ୍ତଇ
ବସନହୀନ କି ଦେବି ମୁଁ ଗୋ ଚିନ୍ତଇ।
ଅଙ୍ଗେ ତବ କପୂର ବାସ,
ଅଧରେ ତବ ମଧୁର ହାସ,
କର୍ଣ୍ଣେ ତବ କେୟୂର ଝୁଲେ ଚଞ୍ଚଳେ
ବିଜୁଳି ହସେ ସ୍ୱର୍ଣ୍ଣ-ଜରି ଅଞ୍ଚଳେ।
-(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | 5 | | 3 | | |
| | | | 8 | | | 2 | | |
| 3 | 8 | | | | 4 | | | |
| | 4 | | | | 3 | | | |
| | 3 | | | | | | | 6 |
| 8 | | | 9 | | | 5 | | 4 |
| 4 | | | 2 | | 8 | 6 | | |
| 5 | | 3 | | | | | | |
| | 7 | | | 4 | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 4 | 7 | 8 | 9 | 1 | 3 | 6 |
| 8 | 1 | 9 | 6 | 3 | 2 | 4 | 7 | 5 |
| 6 | 3 | 7 | 1 | 5 | 4 | 8 | 2 | 9 |
| 1 | 7 | 8 | 5 | 6 | 3 | 2 | 9 | 4 |
| 3 | 5 | 2 | 4 | 9 | 8 | 6 | 1 | 7 |
| 4 | 9 | 6 | 2 | 1 | 7 | 3 | 5 | 8 |
| 7 | 6 | 5 | 3 | 4 | 1 | 9 | 8 | 2 |
| 9 | 4 | 1 | 8 | 2 | 5 | 7 | 6 | 3 |
| 2 | 8 | 3 | 9 | 7 | 6 | 5 | 4 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବୁଦ୍ଧିଆ ସିଂ ଆଜି କେଉଁଠି

ମହାଶୟ,

ସେଦିନ ପୁରୀରୁ ଭୁବନେଶରକୁ ୭ ଘଣ୍ଟା୨ମିନିଟ୍‌ରେ ଅତିକ୍ରମ କରିଥିବା ବୁଦ୍ଧିଆ ସିଂ ଆଜି କେଉଁଠି? ୬୫ କି.ମି. ମାରାଥନ ଦୌଡ଼ି 'ଲିମ୍‌କା ବୁକ୍ ଅଫ୍ ରେକର୍ଡ'ରେ ସ୍ଥାନ ପାଇଥିଲା ବୁଦ୍ଧିଆ। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ, ରାଜୀବ ଗାନ୍ଧୀ ଏକ୍ସିଲେନ୍ସି ଆୱାର୍ଡ ମଧ୍ୟ ପାଇଥିଲା ସେ। ସ୍ୱପ୍ନ ଦେଖିଥିଲା ଭାରତ ପାଇଁ ଅଲିମ୍ପିକରେ ମାରାଥନ ଦୌଡ଼ିବ। ଜୁଡୋ କୋଚ ବିରଞ୍ଚିଙ୍କ ତତ୍ତ୍ୱାବଧାନରେ ମାତ୍ର ୪ବର୍ଷ ବୟସରେ ୫୦ରୁ ଅଧିକ ମାରାଥନ ଦୌଡ଼ିଥିଲା ବୁଦ୍ଧିଆ। ୨୦୦୬ରେ ବିରଞ୍ଚିଙ୍କ ନାମରେ ଅଭିଯୋଗ ହେଲା, ବୁଦ୍ଧିଆର ପ୍ରସିଦ୍ଧିକୁ ନେଇ ସେ ଅର୍ଥ ରୋଜଗାରକରି ତାକୁ ଶୋଷଣ କରୁଛନ୍ତି। ସତ୍ୟତା କ'ଣ ଥିଲା କିଏ ଜାଣେ! ପରେ ମାରାଥନ ଦୌଡୁଥିବା ସେ କୋମଳ ଶିଶୁ ନିଜ ଗୁରୁଙ୍କୁ ହରେଇଲା। ଗୁଳିର ଶିକାର ହେଇ ବିରଞ୍ଚିଙ୍କ ମୃତ୍ୟୁ ହୁଏ। ଧୀରେ ଧୀରେ ବୁଦ୍ଧିଆ ସିଂ ହଜିବାକୁ ଲାଗିଲେ।୨୦୧୧ରେ ତାଙ୍କ ନାମରେ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ ହୁଏ 'ମାରାଥନ୍ ବୟ'। ୨୦୧୫ରେ ବୁଦ୍ଧିଆ ମାରାଥନ ଦୌଡ଼ିବା ବନ୍ଦ କରିଦେଲେ। ତାଙ୍କ ନାମରେ ପୁଣି ଚଳଚ୍ଚିତ୍ର ନିର୍ମାଣ କରାଗଲା। 'ବୁଦ୍ଧିଆ ସିଂ ବର୍ନ ଫର୍ ରନ୍' ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପାଇଲା ୬୩ ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଅବସରରେ। ହେଲେ ବୁଦ୍ଧିଆ କ'ଣ ପାଇଲା! ସ୍ୱପ୍ନ ତା'ର ଚୂର୍‌ମାର ହୋଇଗଲା। କ'ଣ ଦରକାର ଥିଲା ମାରାଥନ୍ ଦୌଡୁଥିବା ବୁଦ୍ଧିଆକୁ ୧୦୦,୨୦୦ ମିଟର ଦୌଡ଼ ଦୌଡ଼େଇବାର! ଦୋଷ କାହାର।

**-ମାନସ ରଞ୍ଜନ ପ୍ରଧାନ, ଆଇଆଇଏମ୍‌ସି, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଜି କ'ଣ କେଉଁଠି

**ପାତ୍ରପୁର**
- ଭାଜପା ପକ୍ଷରୁ ଆନ୍ଦୋଳନ। ସ୍ଥାନ- ଟିଡିଏ କାର୍ଯ୍ୟାଳୟ, ସମୟ- ପୂର୍ବାହ୍ନ ୧୧ଟା।

**ବୁଗୁଡ଼ା**
- ଭାଜପାର ଘେରାଉ । ସ୍ଥାନ- ବ୍ଲକ କାର୍ଯ୍ୟାଳୟ,ସମୟ-ପୂର୍ବାହ୍ନ ୧୧ଟା।

**ପୋଲସରା**
- ଗ୍ରାମଦେବତୀଙ୍କ ମୁଖ୍ୟଦ୍ୱାର ଉଦଘାଟନ ସ୍ଥାନ-ଝିଟିକାବାଡ଼ି, ସମୟ- ପୂର୍ବାହ୍ନ ସାଢ଼େ ୧୦ଟା।
- ଜିଲାସ୍ତରୀୟ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଉଦଘାଟନ। ସ୍ଥାନ- ରାଣୀପଡା, ସମୟ- ପୂର୍ବାହ୍ନ ୧୧ଟା।
- ମାରଦା ମହୋତ୍ସବ ପ୍ରସ୍ତୁତି ବୈଠକ। ସ୍ଥାନ: ମାରଦା (ମଥୁରା), ସମୟ: ମଧ୍ୟାହ୍ନ ୧୨ଟା।

**ଫୁଲବାଣୀ**
- ଜାତୀୟ ଶିଶୁ କନ୍ୟା ଦିବସ। ସ୍ଥାନ-ଗାନ୍ଧୀ ସ୍ମୃତି ଭବନ, ସମୟ-ପୂର୍ବାହ୍ନ ୧୧ଟା
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି। ସ୍ଥାନ-ଖଜୁରିପଡା ବ୍ଲକ, ସମୟ-ପୂର୍ବାହ୍ନ ୧୧ଟା

# ଘରେ ପଶି ୨ ମହିଳାଙ୍କୁ ହତ୍ୟା ଉଦ୍ୟମ

## ଜଣେ ମହିଳା ଗୁରୁତର, ଯୁବକ ଅଟକ

ବ୍ରହ୍ମପୁର ଅଫିସ,୨୩।୧

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ ରଘୁପତିନଗରରେ ଚାଲିଥିବା ଏକ ଟିୟୁସନ ଶିକ୍ଷକଙ୍କ ଘରେ ପଶି ସୋମବାର ଦୁଇ ଜଣ ମହିଳାଙ୍କୁ ହତ୍ୟା ଉଦ୍ୟମ ହୋଇଛି। ଏହି ଘଟଣାରେ ମାଧୁରୀ ପଣ୍ଡା(୩୭) ଗୁରୁତର ହୋଇଥିବା ବେଳେ ଟିଉସନ ଶିକ୍ଷକଙ୍କ ବଡ଼ ଭଉଣୀ ଝିଲି ସାହୁ ଆହତ ହୋଇଛନ୍ତି। ଉଭୟଙ୍କୁ ପୋଲିସ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛି। ଏହି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖିଥିବା ବ୍ରହ୍ମପୁର ଏସ୍.ପି. ଡା. ଶ୍ରବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ଘଟଣା ବେଳେ ବ୍ୟବହୃତ କାତି ଜବତ ହୋଇଛି।

ପ୍ରକାଶ ଯେ, ରେଢ଼ିକା ସାହିର ମାଧୁରୀଙ୍କୁ ଲିଙ୍ଗରାଜ ପଣ୍ଡା ବାହା ହୋଇଛନ୍ତି। ଲିଙ୍ଗରାଜ ସ୍ତ୍ରୀ ଓ ଦୁଇଝିଅଙ୍କୁ ନେଇ ରଘୁପତିନଗର ତୃତୀୟ ଲାଇନ୍‌ରେ ରହୁଛନ୍ତି। ଦୁଇଝିଅ ଉକ୍ତ ସାହିରେ ସ୍ମୃତି ସାହୁଙ୍କ ଘରେ ଟିୟୁସନ ପଢ଼ନ୍ତି। ସୋମବାର ସନ୍ଧ୍ୟା ୭ଟା'ରେ ମାଧୁରୀ ଦୁଇ ଝିଅଙ୍କୁ ଟ୍ୟୁଉସନରୁ ଆଣିବାକୁ ଯାଇ ଉପର ମହଲା ସିଡ଼ି ଘରେ ଅପେକ୍ଷା କରିଥିଲେ। ଏହି ସମୟରେ ଜଣେ ଯୁବକ ହଠାତ ଘର ଭିତରକୁ ପଶି ଆସି ମାଧୁରୀଙ୍କୁ କାତିରେ ଆକ୍ରମଣ କରିଥିଲେ। ମାଧୁରୀ ଚିତ୍କାର କରିବାରୁ ଟିଉସନ ଶିକ୍ଷୟିତ୍ରୀ ସ୍ମୃତିଙ୍କ ବଡ଼ ଭଉଣୀ ଝିଲି ଘଟଣାସ୍ଥଳକୁ ଯାଇଥିଲେ। ସେତେବେଳକୁ ଯୁବକ ଜଣକ ମାଧୁରୀଙ୍କ ହାଣି ରକ୍ତାକ୍ତ କରି ଦେଇଥିଲେ। ଝିଲି ଏହାର ପ୍ରତିବାଦ କରିବାରୁ ତାଙ୍କ ହାତରେ ମଧ୍ୟ କାତି ଚୋଟ ବାଜିଥିଲା। ଘଟଣା ପରେ ଯୁବକ ଜଣକ ସେଠାରୁ ଫେରାର୍ ହୋଇଯାଇଥିଲେ। ଏହା ଜଣାପଡିବା ପରେ ନିକଟରେ ଚାଲିଥିବା ରକ୍ତଦାନ କାର୍ଯ୍ୟକ୍ରମରେ ଥିବା କେତେକ ଜନପ୍ରତିନିଧି ଓ ଯୁବନେତା ସେଠାରେ ପହଞ୍ଚି ମାଧୁରୀଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଥିଲେ। ମାଧୁରୀଙ୍କ ଶରୀରରୁ ପ୍ରଚୁର ରକ୍ତସ୍ରାବ ହୋଇଛି। ଏଣୁ ତାଙ୍କର ଅବସ୍ଥା ସଙ୍କଟାପନ୍ନ ରହିଥିବା ଡାକ୍ତର କହିଛନ୍ତି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ପ୍ରାୟ ୧୫ଟି କାତି ଚୋଟ ବାଜିଛି। ପୋଲିସ ଏହି ଘଟଣାରେ କାଲୁପାତ୍ର ସାହିର ଅଭିଯୁକ୍ତ ଯୁବକ ଶୁଭମ୍‌ଙ୍କୁ ଅଟକ ରଖି ପଚରାଉଚରା କରୁଛି। ଖବର ଲେଖିବା ସୁଦ୍ଧା ଆକ୍ରମଣର କାରଣ ଜଣାପଡିନାହିଁ।



ଜବତ କାତି।



ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଏନ୍‌ସିସି କ୍ୟାଡେଟ, ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପରେଡ ପୂର୍ବ ପ୍ରସ୍ତୁତି। (ଫଟୋ: ସମୀର)

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ନୀଳମାଧମ



@ ରୋହିତ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ୨୫ କେଜି ଗଞ୍ଜେଇ ସହ ୪ ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୨୩।୧:** ଅବକାରୀ ଗୋଇନ୍ଦା ଟିମ ସୋମବାର ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୃଥକ୍ ଭାବେ ୪ ଜଣ ଯୁବକଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୨୫ କେଜି ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଝାଡଖଣ୍ଡର ରିତେଶ କୁମାର ହୋଇଥିବା ବେଳେ ଅନ୍ୟ ଜଣେ ମାଲାକାନାଗିରି ଅଞ୍ଚଳର କୃଷ୍ଣ କାରା, ସେହିପରି ଦିଗପହଣ୍ଡି ନାରାୟଣପୁର ଅଞ୍ଚଳର ତପନ ବିଷୋୟୀ ଓ କଟକ ଲେଖନପୁର ଗ୍ରାମର କାହ୍ନୁ ବେହେରା। କାହ୍ନୁ ଏକ କମ୍ପାନୀରେ ଟେକ୍ନିସିଆନ୍ ଭାବେ କାର୍ଯ୍ୟ କରୁଥିବା ଅବକାରୀ ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ବ୍ରହ୍ମପୁର ଦେଇ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଅବକାରୀ ପୋଲିସକୁ ସୂଚନା ମିଳିଥିଲା। ଏହାକୁ ଆଧାରକରି ସୋମବାର ଅବକାରୀ ଗୋଇନ୍ଦା କର୍ମଚାରୀ ସହରର ଫାଷ୍ଟଗେଟ୍, ଗୋପାଳପୁର ଜଙ୍କସନ ଓ ଜାତୀୟ ରାଜପଥ ଲାଞ୍ଜିପଲ୍ଲୀ ବାଇପାସ୍ ନିକଟରେ ଚଢ଼ାଉ କରିଥିଲେ। ତପନଙ୍କଠାରୁ ୧୦ କେଜି , କାହ୍ନୁଙ୍କଠାରୁ ୫ କେଜି, ରିତେଶଙ୍କଠାରୁ ୭ ଓ କୃଷ୍ଣଙ୍କଠାରୁ ୩ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଅଭିଯୁକ୍ତମାନେ ଗଜପତି ଅଞ୍ଚଳରୁ ଗଞ୍ଜେଇ ଆଣି ବିଭିନ୍ନ ରାଜ୍ୟକୁ ଚାଲାଣ କରିଥାନ୍ତେ ବୋଲି ଜେରା ବେଳେ ଅବକାରୀ ଟିମ ଜାଣିବାକୁ ପାଇଛି।

# ବ୍ୟବସାୟୀଙ୍କ ଘରୁ ୨୦ ଭରି ସୁନାଗହଣା ଚୋରି

**ବ୍ରହ୍ମପୁର ଅଫିସ,୨୩।୧:** ଲୁଟିଆ ଗ୍ୟାଙ୍ଗ୍ ଜଣେ ବ୍ୟବସାୟୀ ସତ୍ୟନାରାୟଣ ରାୟଗୁରୁଙ୍କ ଘରେ କଳାକନା ବୁଲାଇଛନ୍ତି। ଗୃହକର୍ତ୍ତାଙ୍କ ଅନୁପସ୍ଥିତିରେ ତାଙ୍କ ଘର ତାଲା ଭାଙ୍ଗି ଦୁଇଟି ଆଲମୀରା ଓ ଲକରରୁ ୨୦ଭରି ସୁନାଗହଣା ଏବଂ ୩୦ ହଜାର ଟଙ୍କା ଚୋରିକରି ନେଇଯାଇଛନ୍ତି। ଏନେଇ ବଡ଼ବଜାର ଥାନାରେ ଅଭିଯୋଗ ପରେ ପୋଲିସ ନଂ.୧୭/୨୩ରେ ଏକ ମାମଲା ରୁଜୁ କରିଛି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ଲୁଟିଆଙ୍କୁ କାବୁ କରିବା ପାଇଁ ଅନୁସନ୍ଧାନ ଚଳାଇଛି। ଚୋରି ହୋଇଥିବା ଘର ସମ୍ମୁଖରେ ଏକ ସିସିଟିଭି ଲାଗିଥିବା ବେଳେ ତାହା ଯାଞ୍ଚ ବେଳେ କାମ କରୁ ନ ଥିବା ଜଣାପଡ଼ିଛି। ଫଳରେ ଲୁଟେରାଙ୍କ ସମ୍ପର୍କରେ ଜାଣିବା ଏବେ ପୋଲିସ ପାଇଁ କଷ୍ଟକର ହୋଇପଡ଼ିଛି। ଓମ୍ ନଗରରେ ସତ୍ୟନାରାୟଣ ଓ ତାଙ୍କ ସ୍ତ୍ରୀ ତୃପ୍ତିରାଣୀ ଦାଶ ରୁହନ୍ତି। ସତ୍ୟନାରାୟଣ କୌଣସି ଏକ ବ୍ୟବସାୟିକ କାମରେ ମୁମ୍ବାଇ ଯାଇଥିଲେ। ସେହିପରି ଗତ ୨୦ ତାରିଖ ସନ୍ଧ୍ୟାରେ ତୃପ୍ତିରାଣୀ ଘର ତାଲା ପକାଇ ବାପଘର ଗୋଷାଣୀନୂଆଗାଁ ଚାଲିଯାଇଥିଲେ। ଶନିବାର ସାହିର କିଛି ଲୋକ ସତ୍ୟନାରାୟଣଙ୍କୁ ତାଙ୍କ ଘର ଗ୍ରୀଲ୍‌ରେ ଲାଗିଥିବା ତାଲା ଭଙ୍ଗା ଯାଇଥିବା ନେଇ ଫୋନ୍ କରି ଜଣାଇଥିଲେ। ସେ ଏନେଇ ଶ୍ୱଶୁର ଘରେ ଥିବା ସ୍ତ୍ରୀ ତୃପ୍ତିରାଣୀଙ୍କୁ ଜଣାଇଥିଲେ। ତୃପ୍ତିରାଣୀ ଘରେ ପହଞ୍ଚି ଦେଖିବା ବେଳେ ଭିତରେ ଥିବା ଦୁଇଟି ଆଲ୍‌ମୀରା ଓ ଲକର ଖୋଲା ରହିଥିଲା। ସେଥିରେ ଥିବା ଜିନିଷପତ୍ର ଫିଙ୍ଗାଫୋପଡ଼ା ହୋଇ ପଡ଼ିଥିଲା। ସେଥିରେ ଥିବା ସୁନାଗହଣା ଓ ଟଙ୍କା ଗାଏବ ହୋଇଥିଲା। ତୃପ୍ତିରାଣୀ ଏନେଇ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ତଦନ୍ତ କରିଥିଲା। ସେହିପରି ଘରୁ ଚୋରି ହୋଇଥିବା ଜାଣିବା ପରେ ସତ୍ୟନାରାୟଣ ବିମାନ ଯୋଗେ ଭୁବନେଶ୍ୱର ଓ ପରେ ଟ୍ରେନ୍‌ରେ ବ୍ରହ୍ମପୁର ଫେରିଥିଲେ।

# ନେତାଜୀ, ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ବ୍ରହ୍ମପୁର ଅଫିସ୍, ୨୩।୧

ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସୋମବାର ବ୍ରହ୍ମପୁର ସହରର ବିଭିନ୍ନ ସଂଗଠନ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଭାଜପା ପକ୍ଷରୁ କମାପଲ୍ଲୀ ଛକରୁ ଜାତୀୟ ପତାକା ଧରି ପଦଯାତ୍ରାରେ ବାହାରି ପିଭିଏନ୍ ରାଓ ଛକଠାରେ ପହଞ୍ଚି ସୁଭାଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ଜିଲା ଉପସଭାପତି ରାମ କୁମାର ପାତ୍ରଙ୍କ ସମେତ ଡ. ସୁବାସ ସାହୁ, ପ୍ରଭାତ କିରଣ ଷଡ଼ଙ୍ଗୀ ଓ ସାମାଜିକ କର୍ମୀ ପ୍ରହ୍ଲାଦ ପାଣିଗ୍ରାହୀ ଉପସ୍ଥିତ ଥିଲେ। ସେହିଭଳି ଗୋଷାଣୀନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରାତନ ଛାତ୍ର ରାଜେଶ କୁମାର ପଣ୍ଡା ନେତାଜୀଙ୍କ ସ୍ୱାଧୀନତାର ଆହ୍ୱାନକୁ ଉପସ୍ଥାପନା କରିଥିଲେ। ଆଚାର୍ଯ୍ୟ ରବୀନ୍ଦ୍ର କୁମାର ସାମନ୍ତରାୟ ଓ ପୂର୍ବତନ ଛାତ୍ର ବାଦଲ କୁମାର ପାଣିଗ୍ରାହୀ ନେତାଜୀଙ୍କ ସ୍ମୃତିଚାରଣ କରିଥିଲେ। ନାରାୟଣ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟ ସଭାପତି ପ୍ରଦୀପ କୁମାର ଦାଶ, ସମ୍ପାଦକ ପ୍ରକାଶ ଚନ୍ଦ୍ର ପାତ୍ର ଓ ସହ ପ୍ରଧାନାଚାର୍ଯ୍ୟ ପତିତ ପାବନ ଶତପଥୀଙ୍କ ସମେତ ଶିକ୍ଷାନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ନୀଳକଣ୍ଠେଶ୍ୱର ସେବାସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ତ୍ରିନାଥ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବ ପ୍ରସନ୍ନ ମିଶ୍ର, ମୋହନ ଚରଣ ସ୍ୱାଇଁ ଓ ଦେବରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍‌ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ନେତାଜୀ ଜୟନ୍ତୀ ପାଳିତ

ବ୍ରହ୍ମପୁର ଅଫିସ,୨୩।୧

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ସୋମବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିଥିଲେ। କୁଳସଚିବ ସଚ୍ଚିଦାନନ୍ଦ ନାୟକ, ଜାତୀୟ ସେବା ଯୋଜନା ସଂଯୋଜକ ଡ. ଜୟନ୍ତ କୁମାର ପଣ୍ଡା, ଏଟିଆଇ ଭୁବନେଶ୍ୱରର ଅଧ୍ୟାପକ ନିରୋଦ ବରଣ ଖୁଣ୍ଟିଆ ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନେତାଜୀଙ୍କ ଇତିହାସ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ।

# ଅନ୍‌ଲାଇନ୍ ସାମଗ୍ରୀ କିଣି ୧.୨୦ ଲକ୍ଷ ହରାଇଲେ ଗ୍ରାହକ

ବ୍ରହ୍ମପୁର ଅଫିସ,୨୩।୧

ଅନ୍‌ଲାଇନ୍‌ରେ ସାମଗ୍ରୀ କିଣିବା ବେଳେ ସାଇବର୍ ଠକ ଜାଲରେ ପଡ଼ିଛନ୍ତି ଜଣେ ମହିଳା ଗ୍ରାହକ। ସାଇବର୍ ଠକ କୌଶଳ କ୍ରମେ ସମ୍ପୃକ୍ତ ଗ୍ରାହକଙ୍କଠାରୁ ପ୍ରାୟ ୧ଲକ୍ଷ ୨୦ହଜାର ଟଙ୍କା ଠକି ନେବାରେ ସକ୍ଷମ ହୋଇଛନ୍ତି। ଏ ନେଇ ମହିଳା ଜଣକ ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନମ୍ବର ୩/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ଆମ୍ବପୁଆରେ ରହୁଥିବା ଅନୁଶ୍ରୀ ପାଢ଼ୀଙ୍କ ନିକଟକୁ ଗତ ୨୪ତାରିଖରେ ଜଣେ ଅଜଣା ବ୍ୟକ୍ତି ଫୋନ୍ କରିଥିଲେ। ଏକ ନିର୍ଦ୍ଦିଷ୍ଟ ଅନ୍‌ଲାଇନ୍ ସାମଗ୍ରୀ କ୍ରୟ ସଂସ୍ଥାରୁ କହୁଥିବା ନେଇ ବ୍ୟକ୍ତି ଜଣକ କହିଥିଲେ। ପୂର୍ବରୁ ଅନୁଶ୍ରୀ ସେହି ସଂସ୍ଥା ଜରିଆରେ କିଛି ସାମଗ୍ରୀ ମଗାଇଥିଲେ। ଏଣୁ ଅନୁଶ୍ରୀଙ୍କୁ ସନ୍ଦେହ ହୋଇନଥିଲେ।। ୫ହଜାର ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ କିଣିଲେ ମାଗଣା ଉପହାର ରହିଥିବା ନେଇ ଫୋନ୍ କରିଥିବା ବ୍ୟକ୍ତି ଜଣକ କହିଥିଲେ। ଫଳରେ ଅନୁଶ୍ରୀ କିଛି ସାମଗ୍ରୀ କିଣିବା ପାଇଁ ଟଙ୍କା ପଠାଇଥିଲେ। ହେଲେ ଟଙ୍କା ମିଳି ପାରିନଥିବା ସେହି ବ୍ୟକ୍ତି ଜଣକ କହିବାରୁ ସେ ପୁଣିଥରେ ଟଙ୍କା ପଠାଇଥିଲେ। ଏଭଳି ବିଭିନ୍ନ ପର୍ଯ୍ୟାୟରେ ଅନ୍‌ଲାଇନରେ ପ୍ରାୟ ୧ଲକ୍ଷ ୨୦ହଜାର ଟଙ୍କା ଅନୁଶ୍ରୀ ପଠାଇଥିଲେ। ହେଲେ ତାଙ୍କୁ ସାମଗ୍ରୀ ମିଳି ନ ଥିଲା। ସେହି ନମ୍ବରରେ ଫୋନ୍ କଲେ ମଧ୍ୟ ଯୋଗଯୋଗ ହୋଇ ନ ଥିଲା। ଶେଷରେ ଅନୁଶ୍ରୀ ସାଇବର୍ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ତଦନ୍ତ ଜାରି ରଖିଛି।

# ବୁଦ୍ଧଖୋଲରେ ଅତିଥି ଭବନ ଉଦ୍‌ଘାଟିତ

ବୁଗୁଡ଼ା,୨୩।୧(ଡି.ଏନ.ଏ.)

ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ବୁଦ୍ଧଖୋଲ ପାଦଦେଶରେ ନବ ନିର୍ମିତ ଅତିଥି ଭବନ ଉଦଘାଟିତ ହୋଇଯାଇଛି। ଅତିଥିମାନଙ୍କ ଅତ୍ୟାବଶ୍ୟକ ସୁବିଧା ନିମନ୍ତେ ଉଦ୍ଦିଷ୍ଟ ଏହି ଗୃହକୁ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବୁଦ୍ଧଖୋଲ ଉନ୍ନୟନ ସମିତିର ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ କେ.ତ୍ରିଲୋଚନ ଦୋରା, କବିରାଜ ଗୌଡ଼, ନୀଳାମ୍ବର ବିଶୋୟୀ, ପ୍ରଭାକର ବିଶୋୟୀ, ଗୋପୀନାଥ ସ୍ୱାଇଁ, ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ସନ୍ତୋଷ କୁମାର ସେଠୀ, କେ.ନୀଳମାଧବ ଆଚାରି, ଚିତ୍ତ ରଞ୍ଜନ ଦାସ, ସୁରଜ ଡାକୁଆଙ୍କ ସମେତ ସମିତିର ବହୁ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ଆସିକା ଥାନା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଏମପି ଓ ବିଧାୟିକା ଗହଣରେ ଟ୍ରଫି ସହ ଥାନା ଅଧିକାରୀ।

ଆସିକା,୨୩।୧(ଡି.ଏନ.ଏ.)

କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ୨୦୨୨ ଲାଗି ଆସିକା ଥାନାକୁ ଦେଶର ଶ୍ରେଷ୍ଠ ଥାନା ଭାବେ ବିବେଚିତ କରାଯାଇଛି। ଗତ ଶୁକ୍ରବାର ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ପୋଲିସ ଡିଜି ସମ୍ମିଳନୀରେ ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କଠାରୁ ଟ୍ରଫି ଓ ସାର୍ଟିଫିକେଟ ଗ୍ରହଣ କରିଥିଲେ । ସୋମବାର ଥାନା ଅଧିକାରୀ ସାହୁ ଟ୍ରଫି ସହ ଆସିକା ଆସିବା ବେଳେ ସହରର ପ୍ରବେଶ ପଥ ବିଜୁ ପଟ୍ଟନାୟକ ଛକଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ଆସିକା ଏମପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶିବ ନାହାକ, ଯୁବନେତା ଭଗବାନ ସାହୁ, ସତ୍ୟନାରାୟଣ ସ୍ୱାଇଁଙ୍କ ସମେତ ବିଭିନ୍ନ ସଂଗଠନର ପ୍ରତିନିଧି ଓ ନଗରବାସୀ ସେଠାରେ ଉପସ୍ଥିତ ଥିଲେ । ଏମପି ଓ ବିଧାୟିକାଙ୍କ ଗହଣରେ ଟ୍ରଫି ସହ ଥାନା ଅଧିକାରୀ ସାହୁଙ୍କୁ ଏକ ଖୋଲା ଜିପରେ ନଗର ପରିକ୍ରମା କରାଯାଇଥିଲା । ପରେ ଆସିକା ଥାନା ଆମ ପୋଲିସ ସମିତି ପକ୍ଷରୁ ଥାନା ଅଧିକାରୀ ସାହୁଙ୍କୁ ସମ୍ବର୍ଦ୍ଧନା ସହ ମାନପତ୍ର ପ୍ରଦାନ କରାଯାଇଥିଲା ।

# ବାଲି ବୋଝେଇ ୨ ଟ୍ରାକ୍ଟର ଜବତ

ଭଞ୍ଜନଗର,୨୩।୧(ଡି.ଏନ୍.ଏ.)

ଏକତାଳ ନଦୀରୁ ସୋମବାର ଚୋରାରେ ବାଲି ଚାଲାଣ କରୁଥିବା ୨ଟି ଟ୍ରାକ୍ଟରକୁ ବେଲଗୁଣ୍ଠା ପୋଲିସ ଜବତ କରିଛି। ବେଲଗୁଣ୍ଠା ତହସିଲ ଅଞ୍ଚଳରେ ଗତ କିଛି ମାସ ହେବ ଲଘୁଖଣିଜ ଯଥା ବାଲି, ପଥର, ଗୋଡ଼ି, ମେଟାଲ ସହ ଜଙ୍ଗଲଜାତ କିଛି ଦ୍ରବ୍ୟ ଚୋରା ଚାଲାଣ ବଢ଼ୁଛି । ଜଙ୍ଗଲ ଏବଂ ରାଜସ୍ୱ ବିଭାଗ ପକ୍ଷରୁ ଏନେଇ କଡା ପଦକ୍ଷେପ ନିଆଯାଉନାହିଁ। ରାଜ୍ୟ ସରକାର ଏ ବାବଦରେ ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଛନ୍ତି। ଏଭଳି ସ୍ଥିତିରେ ଏକତାଳ ନଦୀରୁ ବାଲି ଚାଲାଣ ହେଉଥିବା ପୋଲିସକୁ ସୂଚନା ମିଳିଥିଲା। ପୋଲିସ ସେଠାରେ ଚଢ଼ାଉ କରି ଟ୍ରାକ୍ଟର ୨ଟିକୁ ଜବତ କରିଥିଲା। ଏ ନେଇ ୩୬,୩୭/୨୩ ରେ ଦୁଇଟି ମାମଲା ରୁଜୁ ହୋଇଛି। ଖୋଲାଖୋଲି ଭାବେ ନଦୀରୁ ବାଲି ଚାଲାଣ ହେଉଥିବା ବେଳେ ରାଜସ୍ୱ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବାରୁ ନାନା ସନ୍ଦେହ ପ୍ରକାଶ ପାଇଛି।

# ଦୃଷ୍ଟି ଆଢୁଆଳରେ ଡଙ୍ଗାସିଲ ଜଳପ୍ରପାତ



ଡଙ୍ଗାସିଲ ଜଳପ୍ରପାତ।

ନୂଆଗଡ଼,୨୩।୧

ପ୍ରାକୃତିକ ସୌନ୍ଦର୍ଯ୍ୟ ଭରପୁର ଗଜପତି ଜିଲାର ଅନ୍ୟ ଏକ ଜଳପ୍ରପାତ ହେଉଛି ଡଙ୍ଗାସିଲ୍। ଏଠାରେ ଦୁଇଟି ପାହାଡ ମଝିରେ ପଡୁଥିବା ପାଣି ନିଃଶବ୍ଦ ଜଙ୍ଗଲ ପରିବେଶକୁ ଚଳଚଞ୍ଚଳ କରୁଥିବାର ଭ୍ରମ ସୃଷ୍ଟି ହୋଇଥାଏ। ଏହା ପର୍ଯ୍ୟଟକ ଓ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏଠାକୁ କେବଳ ସ୍ଥାନୀୟ ଗ୍ରାମାଞ୍ଚଳର ଲୋକେ ବଣ ଭୋଜି କରିବାକୁ ଯାଇ ମଜା ଉଠାନ୍ତି।

ଗଜପତି ଜିଲା ବଡ଼ପଦାଠାରୁ ପାରଳାଖେମୁଣ୍ଡି ଯିବା ରାସ୍ତାରେ ମାତ୍ର ଦୁଇ କିଲୋମିଟର ଦୂରରେ ଅବସ୍ଥିତ ଏହି ଜଳପ୍ରପାତ। ଯିଏ ଏଠାକୁ ଆସୁଛି କିଛି ସମୟ ଏହାର ପରିବେଶରେ ନିଜକୁ ହଜାଇ ଦେଉଛି। ଝରଣାର ସ୍ୱଚ୍ଛ ଜଳ ଗଛଲତାର ସବୁଜିମା, ପାହାଡ଼ର ଅପରୂପ ଦୃଶ୍ୟରାଜି ପର୍ଯ୍ୟଟକଙ୍କୁ ନିଶ୍ଚିତ ଭାବେ ଆକୃଷ୍ଟ କରିବ। ଶୀତୁଆ ସକାଳରେ ଏଠାରେ ଥିବା ଜଳକୁଣ୍ଡରେ ଗାଧୋଇବା ମଜା ମଧ୍ୟ ନିଆରା। ଆଜି ବି ଏହି ଜଳପ୍ରପାତର ପ୍ରଚାରପ୍ରସାର ନ ହୋଇ ପାରି ଦୃଷ୍ଟି ଆଢୁଆଳରେ ରହିଛି। ଏଠାକୁ ଗମନାଗମନ ବ୍ୟବସ୍ଥା କରିବା ପାଇଁ ରାସ୍ତା ନିର୍ମାଣ ସହ ପର୍ଯ୍ୟଟନ ବିଭାଗ ଏହାର ବିକାଶ ଓ ପ୍ରଚାର ପ୍ରସାର କଲେ ପ୍ରକୃତି ପ୍ରେମୀଙ୍କ ସୁଅ ଛୁଟିବା ଆଶା କରାଯାଉଛି।

